ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୫ ଅକ୍ଟୋବର ୨୦୨୫ । ବୁଧବାର

ଗାଁ ଧାନ ବିଲରେ ବିଦେଶୀ ପକ୍ଷୀ

କଣାସ:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

ଶୀତ ଋତୁ ଆସିଲେ ଏସିଆ ମହାଦେଶର ସର୍ବବୃହତମ ଲୁଣା ହ୍ରଦ ଲିଳାମ୍ବୁ ଚିଲିକାକୁ ପୃଥିବିର ବିଭିନ୍ନ ଦେଶରୁ ଶହଶହ ପ୍ରଜାତିର ବିଦେଶୀ ପକ୍ଷୀ ଆସ୍ଥାନ ଜମାଇବା ବେଳେ ଶୀତ ଋତୁର ପ୍ରତ୍ୟବର୍ତ୍ତନ ପରେ ନିଜ ଦେଶକୁ ଫେରିଯାଆନ୍ତି । ବର୍ତ୍ତମାନ ଅନେକ ବିଦେଶୀ ପକ୍ଷୀ ଚିଲିକାକୁ ଆସି ଚିଲିକାର ଉତ୍ତରନାଶୀରେ ଖାଦ୍ୟ ଖାଇବା ପାଇଁ ଆସ୍ଥାନ ଜମାଉଥିବା ବେଳେ ଉତ୍ତରନାଶୀର ଆଖପାଖ ଧାନଜମିରେ ଧାନ ହୋଇଥିବାରୁ ବିଦେଶୀ ପକ୍ଷୀମାନେ ଧାନ ଓ ପୋକଜୋକ ଖାଇବା ପାଇଁ ବୁଲୁଥିବା ଦେଖିବାକୁ ମିଳୁଛି । ପକ୍ଷୀମାନଙ୍କ ସୁରକ୍ଷା ଚିଲିକାରେ କଡାକଡି ହୋଇଥିବା ବେଳେ ଉତ୍ତରନାଶୀରେ ସୁରକ୍ଷା ଢିଲା ଥିବାରୁ ପ୍ରତି ବର୍ଷ ବାହାର ଶିକାରୀମାନେ ଉତ୍ତରନାଶୀରେ ବିଦେଶୀ ପକ୍ଷୀମାନଙ୍କୁ ଶୀକାର କରି ନିର୍ଭୟରେ ଖସି ଯାଇଥାଆନ୍ତି । ବାଲୁଗାଁ ବନ୍ୟପ୍ରାଣି ବିଭାଗ ପକ୍ଷରୁ ଚିଲିକା ଉତ୍ତରନାଶୀରେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ କଡାକଡି ସୁରକ୍ଷା ବ୍ୟସ୍ଥା କରିବାକୁ ପକ୍ଷୀ ପ୍ରେମୀମାନେ ଦାବୀ କରିଛନ୍ତି ।

ବେଆଇନ ବିକ୍ରି ପାଇଁ ମହଜୁଦ ହେଲାଣି ବାଣ

କବିସୂର୍ଯ୍ୟନଗର:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

ମହଜୁଦ ହେଲାଣି ବାଣ । କବିସୂର୍ଯ୍ୟନଗର ପୋଲିସ, ଅଗ୍ନିଶମ ବିଭାଗ, ଏନଏସି କର୍ତ୍ତୃପକ୍ଷ, ତହସିଲଦାରଙ୍କ ନୀରବତାକୁ ନେଇ ଉଠିଲାଣି ପ୍ରଶ୍ନ ? ଲାଇସେନ୍ସ ମିଳିନି, କିମ୍ବା ଆବେଦନ କରାଯାଇନି କିନ୍ତୁ ଆରମ୍ଭ ହେଲାଣି ବାଣ କାରବାର । ଆଉ ୪ ଦିନ ପରେ ଦୀପାବଳି । ଏନେଇ କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଲୁଚ଼ା ଚୋରାରେ ବାଣ ବେପାର ଜମିଲାଣି । ଦୀପାବଳି ସମୟରେ ବାଣଦୋକାନ କରି ଅଳ୍ପ ସମୟ ମଧ୍ୟରେ ଭଲ ଦି ପଇସା ଲାଭ ମିଳିବାର ସୁଯୋଗ ଥିବାରୁ ଏବେ ବାଣ ଦୋକାନ ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି । ହେଲେ କୌଣସି ବିଭାଗ ପାଖରେ ଖବର ନାହିଁ । ପାଖାପାଖି ୧୦ରୁ ଊର୍ଦ୍ଧ୍ୱ ବେପାରୀ ଦୀପାବଳିରେ ବାଣ ଦୋକାନ କରିବା ନେଇ କୁଆଡେ ଉଦ୍ୟମ କରୁଥିବା ବେଳେ କେହି ବି ଅନ୍‌ଲାଇନ୍‌ରେ ଆବେଦନ କରିନଥିବା ଜଣାଯାଇଛି । ବଡ କଥା ହେଉଛି ବାଣ ଦୋକାନ ଓ ବାଣ ତିଆରି ପାଇଁ ଲାଇସେନ୍ସ ମିଳିନଥିବା ବେଳେ ଏବେଠୁ କିଛି ବ୍ୟବସାୟୀ ଜନଗହଳିପୂର୍ଣ୍ଣ ସାହି ସାହିରେ ବିଭିନ୍ନ ପ୍ରକାର ବାଣ ମହଜୁଦ କରିସାରିଲେଣି । ଲାଇସେନ୍ସ ନଥିବା ବେଳେ ବାଣଦୋକାନ କରିବା ନେଇ ସ୍ଥାନୀୟ ପୋଲିସ ସହ ଯୋଗାଯୋଗ କରିବାକୁ ଆରମ୍ଭ ହେଲାଣି ଉଦ୍ୟମ । ଆଉ କିଛି ଦଲାଲଙ୍କ ନିୟନ୍ତ୍ରଣରେ କବିସୂର୍ଯ୍ୟନଗରରେ ଜମିବ ବାଣ ବେପାର ବୋଲି ଆଲୋଚ଼ନା ହେଲାଣି । ନିୟମ ଅନୁସାରେ ଅସ୍ଥାୟୀ ବାଣଦୋକାନ ନେଇ ବେପାରୀମାନେ କବିସୂର୍ଯ୍ୟନଗର ତହସିଲ ଅଞ୍ଚଳ ବୋଲି ରାଜସ୍ୱ ନିରୀକ୍ଷକ ପୁଲିସକୁ ରିପୋର୍ଟ ଦେବେ । ବାଣଦୋକାନ ବଜାର ଓ ଜନବସତିଠାରୁ ଅନ୍ୟୁନ ୫୦୦ ମିଟର ଦୂରରେ କିମ୍ବା ନିଛାଟିଆ ସ୍ଥାନ ଚ଼ୟନ କରାଯିବ । ବାଣଦେକାନ ନିକଟରେ ଜଳାଶୟ, ଅଗ୍ନି ନିର୍ବାପକ ସିଲିଣ୍ଡର, ବାଲିବସ୍ତା, ବାଲିଗଦା ଭଳି ସାମଗ୍ରୀ ରହିଥିବା ଆବଶ୍ୟକ । ସେହିପରି ବାଣ ବିକ୍ରିରେ ନାବାଳକ ନିୟୋଜନ ଦଣ୍ଡନୀୟ । ହେଲେ କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ନିୟମ ପୁରା ଉଲଘଂନ କରାଯାଇ ଜନଗହଳିପୂର୍ଣ୍ଣ ବଜାରରେ ପ୍ରତିବର୍ଷ ବିକ୍ରି ଚ଼ାଲିଛି । ଯାହା ସୂଚ଼ନା ରହିଛି ଉପଜିଲ୍ଲାପାଳ ଲାଇସେନ୍ସ ଦେବା ନିୟମ ଥିବା ବେଳେ ଏଠାରୁ ୬୦ କିମି ଦୂରରେ ଅଫିସ ଥିବାରୁ ସବୁ ହାତଗୁଞ୍ଜା ଓ ଟଙ୍କାରେ ବିନା ଲାଇସେନ୍ସରେ ଚ଼ାଲେ ବେଆଇନ ବାଣ ବେପାର । ଯାହା ସୂଚ଼ନା ରହିଛି କିଛି ବେପାରୀ ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକାର ବାଣ ମହଜୁଦ କରି ରଖିଲେଣି । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବାଣ ଚ଼ଢ଼ାଉ କରାଯାଇଥିବା ବେଳେ କବିସୂର୍ଯ୍ୟନଗରର ବାଣ ଚ଼ଢ଼ାଉ ଧର୍ମକୁ ଆଖିଠାର ଭଳି ନଜିର ରହିଛି । ଏଣୁ କବିସୂର୍ଯ୍ୟନଗରରେ ବେଆଇନ ବାଣ ବିକ୍ରି ପାଇଁ ତହସିଲଦାର, ଅଗ୍ନିଶମ ଅଧିକାରୀ, ପୋଲିସ ଏବଂ ଏନଏସି କ'ଣ ପଦକ୍ଷେପ ନେବେ ନା ଦୀପାବଳି ପୂର୍ବରୁ ସହମତିରେ ବାଣ ବିକ୍ରି ହେବ ତାହା ଦେଖିବାକୁ ବାକି ରହିଲା ।

ଗୋ-ସେବା କେନ୍ଦ୍ର ନିର୍ମାଣ ପାଇଁ ଦାବିପତ୍ର

ସାକ୍ଷୀଗୋପାଳ:୧୪।୧୦ଏକ୍ସପ୍ରେସ୍ ନ୍ୟୁଜ୍

ସତ୍ୟବାଦୀ ଶ୍ରୀ ସାକ୍ଷୀଗୋପାଳଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ସତ୍ୟବାଦୀ ଅଞ୍ଚଳରେ ଥିବା ଅନେକ ଗୋ-ସେବକ ଯୁବକମାନେ ଏକାଠି ହୋଇ ସାକ୍ଷୀଗୋପାଳ ଅଞ୍ଚଳରେ ବୁଲୁଥିବା ଅନେକ ଗାଈ, ଗୋରୁ ଓ ଷଣ୍ଢମାନଙ୍କ ପାଇଁ ଗୋଶାଳା କରିବା ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଗକୁ ଆସୁଥିବା ପବିତ୍ର ଅଁଳା ନବମୀ ଏବଂ ବଡ ଏକାଦଶୀ ନିମନ୍ତେ ସାକ୍ଷୀଗୋପାଳ ମନ୍ଦିର ଚ଼ାରିପଟେ ବୁଲୁଥିବା ଅନେକ ଗାଈ, ଗୋରୁ ଓ ଷଣ୍ଢମାନଙ୍କ ପାଇଁ ଏକ ଅସ୍ଥାୟୀ ଗୋଶାଳା କରିବା ନିମନ୍ତେ ସତ୍ୟବାଦୀ ତହସିଲଦାର, ସନ୍ତୋଷ କୁମାର ପାଣିଗ୍ରାହୀ ଓ ମନ୍ଦିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତିଙ୍କ ଠାରୁ ସୂଚ଼ନା ମିଳିଛି, ଏକ ଅସ୍ଥାୟୀ ଗୋ-ଶାଳା ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା । ମନ୍ଦିର ପରିଚ଼ାଳନା ପରିଷଦ ପକ୍ଷରୁ ହୋଇଥିବା ରେଜୁଲେଶନରେ ମଧ ଏହି ପ୍ରସ୍ତାବଟି ସାମିଲ କରାଯାଇଥିବା ସହିତ ଏଥିନିମନ୍ତେ ପଶୁ ଚ଼ିକିତ୍ସା ଅଧିକାରୀ, ସତ୍ୟବାଦୀ ଓ ପୁରୀ ଜିଲ୍ଲାପାଳଙ୍କୁ ଏକ ସ୍ୱତନ୍ତ୍ର ଚ଼ିଠି ହେଇଛି ବୋଲି ମନ୍ଦିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚ଼ନା ଦେଇଥିଲେ । ମନ୍ଦିର ପକ୍ଷରୁ ହୋଇଥିବା ଚ଼ିଠିର ସ୍ଥିତି ଅନୁଧାନ କରିବା ସହିତ ୧୬ ତାରିଖ ସନ୍ଧ୍ୟା ସମୟରେ ୨ୟ ବୈଠକ କରାଯିବ ବୋଲି ଓମ୍ ସତ୍ୟ ପ୍ରକାଶ କହିଛନ୍ତି ।

ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବ୍ରହ୍ମପୁର:୧୪।୧୦ ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ପୋଲିସ ଜିଲ୍ଲା ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । କମ୍ୟୁନିଟି ପୋଲିସ ପ୍ରୋଗ୍ରାମ ଆନୁକୂଲ୍ୟରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନାର ମିଳିତ ସହଯୋଗରେ ଆୟୋଜିତ ଏହି ମାଗଣା ସ୍ୱାସ୍ଥ୍ୟ ଶିବିରକୁ ଗଞ୍ଜାମ ପୋଲିସ ଜିଲ୍ଲାର ଅତିରିକ୍ତ ଏସପି ରଞ୍ଜୀତ କୁମାର ପୃଷ୍ଟି, ଛତ୍ରପୁର ଏସଡିପିଓ ଚ଼ନ୍ଦନ ଘଡେଇ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରିଣୀ ବିଦ୍ୟା ଭାରତୀ ନାୟକ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚ଼ନ ବେହେରା, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷିକ ଡାକ୍ତର ସ୍ୱାଧୀନ କୁମାର ରଥ, ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏଲଭି ପ୍ରସାଦ ଚ଼କ୍ଷୁ ଚ଼ିକିତ୍ସାଳୟର ଡାକ୍ତରମାନେ ଯୋଗଦେଇ ରୋଗୀଙ୍କୁ ଚ଼ିକିତ୍ସା ପ୍ରଦାନ କରିବା ସହିତ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଏଥିରେ ବହୁ ରୋଗୀ ଯୋଗଦେଇ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

ପିଙ୍ଗଳଗାଁ ଛକରେ ମାରାମାରି, ଦୁଇ ଭାଇ ଆହତ

କଳିଙ୍ଗନଗର:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

ପୂଜା ସମୟରେ ଜେନାପୁର ଓ ପିଙ୍ଗଳଗାଁ ଲୋକଙ୍କ ମଧ୍ୟରେ ବିବାଦ ହୋଇଥିବା ଘଟଣାରେ ଦୁଇ ଭାଇ ଗୁରୁତର ଭାବରେ ଆହତ ହୋଇଛନ୍ତି । ବସନ୍ତ ବେହେରା (୪୧) ଓ ତାଙ୍କ ଭାଇ ପ୍ରମୋଦ ବେହେରା ଉପରେ କିଛି ଲୋକ ଆକ୍ରମଣ କରିଥିଲେ । ଆହତ ଭାଇମାନେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲେ । ପୋଲିସ ଅଭିଯୁକ୍ତ ଭାବେ ଆନନ୍ଦ କୁମାର ମହ୍ଳନ ଓ ଗେଡେ ମହ୍ଳନଙ୍କୁ ଚ଼ିହ୍ନଟ କରିଛନ୍ତି । ମାମଲା ନଂ ୩୪୩/୨୫ ରୁ ଧାରା ୧୨୬(୨)/୧୧୫, ୧୧୭(୨)/୩୦୮(୪)/୭୪/ ୩୬୪ ଆଇପିସି ଅନୁସାରେ ରୁଜୁ ହୋଇଛି । କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଦଳ ଘଟଣାସ୍ଥଳ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିଛି । ତଦନ୍ତ ଚ଼ାଲିଛି ଓ ଦୋଷୀମାନଙ୍କୁ ଶୀଘ୍ର ଚ଼ିହ୍ନଟ କରି ଗିରଫ କରାଯିବା ନିଶ୍ଚିତ ବୋଲି କହିଛନ୍ତି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଓ ତୀବ୍ର ଚ଼ାପ ସୃଷ୍ଟି ହୋଇଛି । ପୋଲିସ ରାତିରେ ପ୍ୟାଟ୍ରୋଲିଂ ବଢ଼ାଇଛି ।

ଘରୋଇ ସ୍କୁଲ ଆର୍ଥିକ କାରବାରର ଅଡିଟ୍ ହେଉ

ଭୁବନେଶ୍ୱର:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

ଘରୋଇ ସ୍କୁଲଗୁଡ଼ିକର ଆର୍ଥିକ କାରବାରରେ ସ୍ୱଚ୍ଛତା ପାଇଁ ସରକାର ପ୍ରତିବର୍ଷ ଅଡିଟ କରିବାକୁ ଦାବି କରିଛି ଓଡିଶା ରାଷ୍ଟ୍ରିୟ ଅଭିଭାବକ ସଂଘ । ଏନେଇ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ରଂଜନ କୁମାର ଦାସ ଚିଠି ମାଧ୍ୟମରେ ମୁଖ୍ୟ ଶାସନ ସଚିବ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବଙ୍କ ପାଖରେ ଏହି ଦାବି ରଖିଛନ୍ତି । ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ୪୨୬୪ ଓ ବେଆଇନ ଭାବେ ପ୍ରାୟ ୮୫୦୦ ଘରୋଇ ସ୍କୁଲ ଚାଲୁଛି । ଅଧିକାଂଶ ଘରୋଇ ସ୍କୁଲ ଅଭିଭାବକଙ୍କଠାରୁ ଢ଼େର ଅଧିକ ଫି' ଆଦାୟ କରୁଛନ୍ତି । ଓଡ଼ିଶାରେ କୌଣସି ସ୍ୱଷ୍ଟ ଫି' ନିୟାମକ ଆକ୍ଟ ନଥିବାରୁ ଏପରି ହେଉଛି । କେବେ ଆସିବ ଆକ୍ଟ ଦିଲ୍ଲୀ ଭଳି ଓଡିଶାରେ ବେସରକାରୀ ସ୍କୁଲରେ ନିୟମ ଲାଗୁ କରିବେ କି ? ଘରୋଇ ସ୍କୁଲଗୁଡିକ ନିଜର ବିଳାସବ୍ୟସନ ଚଳଣି, ସ୍କୁଲ ଭିତିଭୂମି ବଢ଼ାଇବା ସହ ସ୍କୁଲ ଫି' ନେଇ ଅନ୍ୟତ୍ର ବିନିଯୋଗ କରୁଛନ୍ତି । ସରକାରଙ୍କ ୨୦୧୩ ଗେଜେଟରେ ସବୁ ପ୍ରାଇଭେଟ୍ ସ୍କୁଲକୁ ଅଡିଟ କରିବାର ଆଇନ ରହିଛି । ଆଦାୟ ହେଉଥିବା ଫି'କୁ ଠିକ୍ ବାଟରେ ଖର୍ଚ୍ଚ କରାଯାଉଛି କି ନାହିଁ, ଶିକ୍ଷକ ଓ କର୍ମଚାରୀ ଠିକ୍ ଭାବେ ଦରମା ପାଉଛନ୍ତି କି ନାହିଁ, ଆଦାୟ ଅର୍ଥ ଅନ୍ୟତ୍ର ବିନିଯୋଗ ହେଉଛି କି ଏହି ସବୁର ତଦାରଖ ପାଇଁ ଉକ୍ତ ନିୟମ ରହିଛି । ରାଜ୍ୟରେ ଡିଏଭି ସ୍କୁଲ ସମୂହ,ଓଡିଏମ, ମଦର, ବିଜେଇଏମ୍,ଲୋୟଲା, ସେଂଟ ଯୋଶେଫ ଭଳି ବହୁ ବଡ଼ ବଡ଼ ସ୍କୁଲରେ ହଜାର ହଜାର ପିଲା ପାଠ ପଢୁଛନ୍ତି । ସେମାନଙ୍କଠାରୁ ଆଡ଼ମିଶନ,ରି-ଆଡମିଶନ, ୟୁନିଫର୍ମ, ବହି, ସ୍ମାର୍ଟ କ୍ଲାସ ଆଦି ଅନେକ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଉଛି । ଏମିତିକି ଗୋଟିଏ ସ୍କୁଲରେ ଦୁଇ ଦୁଇଟି ସୋସାଇଟି ଅଧିନରେ ସ୍କୁଲ ଚାଲୁଛି । ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଶିକ୍ଷା ଏକ ବେପାର ହୋଇଯାଇଛି । କେତେଜଣ ନିର୍ଦ୍ଦିଷ୍ଟ ଅଫିସର ସ୍କୁଲ ପାଖରେ ତାଙ୍କ ମୁଣ୍ଡ ବିକ୍ରି କରିଦେଇଛନ୍ତି । ସରକାରଙ୍କର ନିର୍ଦ୍ଦିଷ୍ଟ ନିୟମକୁ ଫୁ କରି ଦେଉଛନ୍ତି । କିଛି ସ୍କୁଲ ନିଜର ଆତ୍ମୀୟ ସ୍ୱଜନଙ୍କୁ କର୍ମଚାରୀ ବୋଲି ଦର୍ଶାଇ ସେମାନଙ୍କ ଆକାଉଂଟକୁ ଲକ୍ଷ ଲକ୍ଷ ଟଙ୍କା ଟ୍ରାନ୍ସଫର କରୁଛନ୍ତି । ବିଶେଷକରି ଭୁବନେଶ୍ୱରରେ ଥିବା ବଡ଼ ବଡ଼ ସ୍କୁଲ କୋଟି କୋଟି ଟଙ୍କା ହଡ଼ପ କରିବାର ଉଦାହରଣ ରହିଛି । ସେପଟେ କିଛି ସ୍କୁଲ ବେଆଇନ ପ୍ରାଇଭେଟ ପବ୍ଲିକେଶନ ବହି ବିକ୍ରି କରି ମୁଦ୍ରିତ ଦାମ୍‌ର ୫୦% ପର୍ଯ୍ୟନ୍ତ ମୁନାଫା କରିଥିବା ଲକ୍ଷ ଲକ୍ଷ ଟଙ୍କାକୁ ଅନ୍ୟ ଆକାଉଂଟକୁ ଟ୍ରାନ୍ସଫର କରୁଛନ୍ତି । ଅଡିଟ ହେଲେ ସବୁସତ ପଦାକୁ ଆସିପାରିବ ଓ ସବୁ ବ୍ୟବସ୍ଥା ଠିକ ଚାଲିବ । ତେଣୁ ଅଡିଟ୍ କରିବା ପାଇଁ ରାଷ୍ଟ୍ରୀୟ ଅଭିଭାବକ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ରଂଜନ କୁମାର ଦାସ ଏକ ପ୍ରେସ ବିବୃତିରେ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

ପୁଣି ମାତିଲେ ମୋରମ ମାଫିଆ

ଚ଼ଣ୍ଡିଖୋଲ,୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

ଯାଜପୁର ଜିଲ୍ଲା ବଡ଼ଚ଼ଣା ବ୍ଲକ ଅଞ୍ଚଳରେ ବେଆଇନ ମୋରମ ଚାଲାଣ ମାଫିଆମାନେ ଦିନକୁ ଦିନ ସକ୍ରିୟ ହେବାରେ ଲାଗିଥିବା ବେଳେ ପ୍ରଶାସନ ସବୁ ଜାଣି ସବୁ ଦେଖି ନିରବ ଦ୍ରଷ୍ଟା ସାଜିଥିବା ପରିଲକ୍ଷିତ ହେଉଛି । ବିଭିନ୍ନ ସମୟରେ ବଡ଼ଚ଼ଣା ଚୋରା ମୋରମ ଚ଼ାଲାଣ ଯୋଗୁ ସାରା ଜିଲ୍ଲାରେ ଚ଼ର୍ଚ୍ଚାରେ ଥିବାବେଳେ, ଗତ କିଛି ଦିନ ବ୍ୟବଧାନ ପରେ ପୁଣି ମୋରମ ଚ଼ାଲାଣ ଏହାକୁ ଖୋରାକ ଯୋଗାଛି । କିଛି ଦିନ ହେବ ମୋରମ ମାଫିଆମାନେ ବଡ଼ଚ଼ଣା ବ୍ଲକ କୋଲସାହି, ଜୋରାବାଟୀ, ବାଘୁଆ, ଅଞ୍ଚଳରୁ ବେଇଆନ ଭାବେ ରାତିରେ ମେସିନ ଓ ହାଓ୍ୱା ଗାଡି ଲଗାଇ ଶହ ଶହ ଟ୍ରିପ ମୋରମ ନେଉଥିବା ଦେଖିବାକୁ ମିଳୁଛି । ବନବିଭାଗ ଲଗାଇଥିବା ଗଛ ଓ ତାର ବାଡ଼କୁ ଭାଙ୍ଗି ଏହି ସବୁ ଅଞ୍ଚଳରୁ ମୋରମ ଚାଲାଣ ହେଉଥିବା ବେଳେ ଚଣ୍ଡିଖୋଲ ବନପାଳ କୃଷ୍ଣ ଚନ୍ଦ୍ର ଟୁଡୁ କହୁଛନ୍ତି । ମୋରମ ଚୋରି ହୋଇଛି ସତ ହେଲେ ବନବିଭାଗ ସ୍ଥାନରୁ ନୁହେଁ । ଏହା ଦର୍ପଣ ତହସିଲ ଅଧିନରେ ଅଛି । ଆମେ କିଛି କରିପାରିବୁ ନାହିଁ, ଆମେ ତହସିଲଦାରଙ୍କୁ ଜଣାଇ ଦେଇଛୁ, ଯାହା କରିବେ ତହସିଲଦାର ହିଁ କରିବେ । ଯଦି ଓ ସେହି ସ୍ଥାନରେ ବନବିଭାଗ ତାର ବାଡ ଓ ଗଛ ଲଗାଇ ଥିଲା ହେଲେ ଚଣ୍ଡିଖୋଲ ବନପାଳ ଏହି ପ୍ରତି ପଦକ୍ଷେପ ନେବାକୁ କାହିଁକି ପଛ ଘୁଞ୍ଚା ଦେଉଛନ୍ତି ତାହା ଏବେ ପ୍ରଶ୍ନବାଚ଼ୀ ସୃଷ୍ଟି କରୁଛି ?ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚ଼ାରିବାରୁ ସେ କୁହନ୍ତି ଜୋରାବାଟି ଅଞ୍ଚଳରୁ ବିଳମ୍ବିତ ରାତିରେ ମୋରମ ଉଠାଯାଉଛି, ମୁଁ ମାଇନିଂ ଅଧିକାରୀଙ୍କୁ ଜଣାଇ ଦେଇଛି, ସେମାନେ ଏହାର ବ୍ୟବସ୍ଥା କରିବେ । ଏହିଭଳି କହି ସ୍ଥାନୀୟ ପ୍ରଶାସନ ନିଜ ନିଜର ଦୋଷ ଛଡାଇ ଦେଉଥିବା ଦେଖିବାକୁ ମିଳିଛି । ଏଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଅଛି ।

ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ

ମାହାଙ୍ଗା:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ମାହାଙ୍ଗା ବ୍ଲକ ପରିସରରେ ନୂତନ ଖାଉଟି କାର୍ଡ, ନୂତନ ଭତ୍ତା ଓ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ଓ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ସୁଭାଶିଷ ପାଲଟାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଖାଉଟି କଲ୍ୟାଣ ଓ ବିଜ୍ଞାନ, ବୈଷୟିକ ବିଭାଗ ମନ୍ତ୍ରୀ ଓଡିଶା ସରକାର କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରରେ କରାଯାଇଥିବା ଜନକଲ୍ୟାଣକାରୀ ଯୋଜନା ସମସ୍ତ ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରରେ ମାହାଙ୍ଗାରେ ବିକାଶ ମୂଳକ କାର୍ଯ୍ୟ ହୋଇପାରିଛି ବୋଲି କହି ନୂତନ ଖାଉଟି କାର୍ଡ, ଭତ୍ତା ଓ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କରି ଥିଲେ ଓ ଜିଲ୍ଲା ଯୋଗାଣ ଅଧିକାରୀ କେ ଚ଼ନ୍ଦ୍ରଶେଖର ପାତ୍ର ଧନ୍ୟବାଦ ଅର୍ପଣ କରି ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ କୁମାର ଦାସ, ବିପିସି ସଂଘମିତ୍ରା ନାୟକ, ଯୋଗାଣ ଅଧିକାରିଣୀ ଇତିଶ୍ରୀ ଜେନା, ଏପିଓ ରାମାନୁଜ ମହାରଣା, ଜ୍ୟୋତ୍ସ୍ନାରାଣୀ ମଲିକ, କମ୍ପ୍ୟୁଟର ପ୍ରୋଗ୍ରାମର ଅଶୋକ କୁମାର ପଡିହାରୀଙ୍କ ସମେତ ବ୍ଲକର ସମସ୍ତ କର୍ମଚ଼ାରୀ ଉପସ୍ଥିତ ଥିଲେ ଓ ଏହି ଅବସରରେ ୬୯୧ ଜଣଙ୍କୁ ନୂତନ ଖାଉଟି କାର୍ଡ, ୩୩୧ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଓ ୩୭୧ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା

ସାଂସଦ ଓ ବିଧାୟକଙ୍କ ଦ୍ୱାରା ଅନ୍ତଃଦୋୟ ଯୋଜନା କାର୍ଯ୍ୟାଦେଶ

କଣାସ:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

ଆଜି କଣାସ ପଞ୍ଚାୟତ ସମିତି ସମ୍ମୁଖ ସହିଦୀ ପୀଠ ଠାରେ ପୁରୀ ସାଂସଦ ଡଃ ସମ୍ବିତ ପାତ୍ର ଏବଂ ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ଦ୍ୱାରା ୨୪୮ଟି ଅନ୍ତଃଦୋୟ ଯୋଜନା ଗୃହ କାର୍ଯ୍ୟାଦେଶ ଏବଂ ୩୬୨ଟି ନୂତନ ଭର୍ତ୍ତା ପ୍ରଦାନ ଏବଂ ୮୦୦ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଛି । ଏହି ବଣ୍ଟନ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ରାଉତ, ଉପାଧକ୍ଷ ଅଭିମନ୍ୟୁ ଜୟସିଂହ, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଂଜନ ସ୍ୱାଇଁ ଉପସ୍ଥିତ ରହିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାର ୬୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାମାନଙ୍କୁ ଅସହାୟ ଭର୍ତ୍ତା ଦେବାପାଇଁ ଗଣମାଧରେ ଡେଙ୍ଗୁରା ପିଟୁଥିବା ବେଳେ କଣାସ ବ୍ଲକରେ ୬୦ରୁ ୬୫ବର୍ଷ ପର୍ଯ୍ୟନ୍ତ ୩ହଜାରରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଭର୍ତ୍ତା ପାଇବା ପାଇଁ ଅନ୍‌ଲାଇନ୍‌ରେ ଦରଖାସ୍ତ କରିଥିବା ବେଳେ ମାତ୍ର ୩୬୨ଜଣଙ୍କୁ ଆଜି ଭର୍ତ୍ତା ବଣ୍ଟନ କରାଯାଇଥିଲା ।

ରାଜଯୋଗିନୀ ବ୍ରହ୍ମାକୁମାରୀଙ୍କ ସାମ୍ବାଦିକ ସମ୍ମିଳନୀ

ବ୍ରହ୍ମପୁର:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ଶାନ୍ତିକୁଣ୍ଡ ତରଫରୁ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁସ୍ଥ ରାଜଯୋଗିନୀ ବ୍ରହ୍ମାକୁମାରୀ ଡା. ଉଷାଦିଦିଜୀ, ବରିଷ୍ଠ ରାଜଯୋଗ ଶିକ୍ଷିକା, ପ୍ରବନ୍ଧନ ପ୍ରଶିକ୍ଷିକା, ଆଧାତ୍ମିକ ପ୍ରୟୋଗଶାଳାର ଗବେଷିକା, ରାମାୟଣ ଶ୍ରୀମଦ୍ ଭଗବଦ୍ ଗୀତାର ସ୍ୱଷ୍ଟ ପ୍ରବଚ଼ିକା ତଥା ସୁପ୍ରସିଦ୍ଧ ଅନ୍ତଃରାଷ୍ଟ୍ରୀୟ ପ୍ରେରକ ବକ୍ତାଙ୍କ ବ୍ରହ୍ମପୁର ଆଗମନ ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜିତ ହୋଇଛି । ରାମଚ଼ନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ଠାରେ ଉଦଘାଟିତ ହେବାକୁ ଥିବା ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚ଼ନ ସମ୍ପର୍କରେ ସାମ୍ବାଦିକମାନଙ୍କୁ ଉଦବୋଧନ ଦେଇ ଦିଦିଜୀ ଉଷା କହିଥିଲେ ଯେ ବର୍ତ୍ତମାନର ଚ଼ରମ ଧର୍ମଗ୍ଳାନି ସମୟରେ ଜୀବନର ପଥ ପ୍ରଦର୍ଶକ ରୂପେ ଶ୍ରୀମଦ୍ ଭଗବଦ୍ ଗୀତା ଉପଦେଶ ସମସ୍ତ ମାନବ ସମାଜ ପାଇଁ ନିତାନ୍ତ ଆବଶ୍ୟକ । ଗୀତା ଜ୍ଞାନ ବର୍ଣ୍ଣିତ ଅର୍ଜୁନ ହେଉଛନ୍ତି ପ୍ରତ୍ୟେକ ମାନବ ଯେଉଁମାନେ କି ପ୍ରତି ମୁହୂର୍ତ୍ତରେ ବିଷାଦ ଗ୍ରସ୍ତ, ବିଘ୍ନ ଓ ସମସ୍ୟାଯୁକ୍ତ ତଥା ଅନ୍ୟମାନଙ୍କର ନକାରାତ୍ମକ ଓ ଘୃଣାତ୍ମକ ବ୍ୟବହାରରେ ଅତିଷ୍ଠ ହୋଇପଡୁଛନ୍ତି । ଏହି ପରିପ୍ରେକ୍ଷୀରେ ଭଗବାନଙ୍କ ଦ୍ୱାରା ଗୀତାଜ୍ଞାନର ସ୍ୱଷ୍ଟୀକରଣ ଦ୍ୱାରା ଅର୍ଜୁନଙ୍କ ମନରେ ଆତ୍ମଜ୍ଞାନର ଜାଗରଣ, ବୋଧନ ଏବଂ ବୈରାଗ୍ୟ ଭାବ ଉତ୍ପନ୍ନ ସମ୍ଭବ ହୋଇଥିଲା । ଯଦ୍ୱାରା ସେ କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର ରୂପୀ ଶତ୍ରମାନଙ୍କୁ ଦମନ କରି ଭବିଷ୍ୟ ଶ୍ରେଷ୍ଠ ପଦର ଅଧିକାରୀ ହୋଇପାରିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ସବଜୋନ ସଞ୍ଚାଳିକା ବ୍ରହ୍ମାକୁମାରୀ ଭଗିନୀ ମାଳା ଉପସ୍ଥିତ ରହି ତ୍ରିଦିବସୀୟ ଭଗବଦ୍ ଗୀତା ପ୍ରବଚ଼ନ ମାଳା ସମ୍ପର୍କରେ ସମ୍ୟକ୍ ଜ୍ଞାନ ପ୍ରଦାନ କରିଥିଲେ ।

ଗ୍ରାମବାସୀ ଓ ମନ୍ଦିର କମିଟି ପ୍ରସ୍ତୁତ ବୈଠକ

ବଲାଙ୍ଗିର:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

ଲୋଇସିଂହା ନିର୍ବାଚନ ମଣ୍ଡଳି କୁଶଙ୍ଗ ଗ୍ରାମରେ ମାଁ କୁଶଙ୍ଗାଇ ଦେବୀ ଏବଂ ମନ୍ଦିର ଓ ଗ୍ରାମ କମିଟି ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏ ବର୍ଷ ଦଶହରା ଏବଂ ୧୬ ପୂଜା ବଏଲ ଯାତ୍ରା ରାଜ୍ୟ ବାହାରୁ ଏବଂ ବିଭିନ୍ନ ଜିଲ୍ଲାରୁ ଭକ୍ତମାନଙ୍କର ସୁଅ ଛୁଟିଥିଲା । ଏହି ଐତିହ୍ୟ ପୀଠ ମାଁ କୁସଙ୍ଗାଇ ଦର୍ଶନ ପାଇଁ ପ୍ରବଳ ଭିଡ ହୋଇଥିଲା । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ସୁରୁଖୁରୁରେ ଉଦ୍‌ଯାପିତ ହୋଇଥିଲା । ଏହି ଅବସରରେ ମନ୍ଦିର କୁଶଙ୍ଗର ଗ୍ରାମବାସୀ କମିଟି, କୁଶଙ୍ଗ ମନ୍ଦିର କମିଟି ମାଁଙ୍କର ପୀଠରେ ନୂତନ ଭାବେ ରୂପା ଝାଉଣିର ପରଭା ନିର୍ମାଣ ପାଇଁ ଗ୍ରାମ କମିଟି ନିଷ୍ପତ୍ତି ନିଆଯାଇଛି । ଚଳିତ ଚୈତ୍ର ପୂର୍ଣ୍ଣିମାରେ ପରଭା ଦର୍ଶନ ଆକର୍ଷଣ କରିବା ବୋଲି ସ୍ଥିର କରାଗଲା । ଅଞ୍ଚଳବାସୀ ମଧ ମାଁ ସହିତ ରୂପା ପରଭା ମଧ ଦର୍ଶନ କରିପାରିବେ ବୋଲି ସମସ୍ତଙ୍କ ଆଶା । ଏଥିରେ କୁଶଙ୍ଗ ଗୌନ୍ତିଆ ବୃନ୍ଦାବନ ପଟେଲ, ସରପଞ୍ଚ ଓ ଗ୍ରାମ କମିଟି, କୁଶଙ୍ଗର ମନ୍ଦିର କମଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଡା. ରୁଦ୍ର ନାରାୟଣ ପଟେଲଙ୍କ ନେତୃତ୍ୱରେ ବଲାଙ୍ଗିର ଦେବାଳୟ ସୁରକ୍ଷା କମିଟିର ବିଭିନ୍ନ ସମୟରେ ଐତିହାସିକ ପୀଠ ସରକାରଙ୍କୁ ବିଭିନ୍ନ ସମୟରେ ଅନୁଦାନ ଦାବି କରି ଆସୁଥିବା ବେଳେ କୁଶଙ୍ଗାଇ ଦେବୀ ପୀଠକୁ ଉନ୍ନତିକରଣ ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଅବସରରେ ମନ୍ଦିର କମିଟି ସମ୍ବର୍ଦ୍ଧିତ କରିଥିଲେ । ସଭାପତି ଜୟକୃଷ୍ଣ ମିଶ୍ର ଓ ପ୍ରଶାନ୍ତ ମହାକୁର ଏବଂ ଗ୍ରାମର ଭକ୍ତମାନଙ୍କ ସହମତି କ୍ରମେ ସାହାଯ୍ୟ ହାତ ବଢାଇଥିଲେ । ଏହି ବୈଠକରେ ସଭାପତି ରତନଲାଲ ପୃଷ୍ଟି ସଭା ଆହ୍ୱାନ କରିଥିଲେ ଓ ସଭା ସାଙ୍ଗ ହୋଇଥିଲା ।

ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

ଭବାନୀପାଟଣା:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ପାଓ୍ୱାର ସଚ଼ିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୬ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୨୭ଟି ଓ ସାମୂହିକ ୨୮ଟି ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା । ଏଥିରେ ୧୨ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା ନିର୍ମାଣ, ସ୍କୁଲଘର ମରାମତି, ପୋଲିସ କେଶ୍, ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚ଼ନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ଜଙ୍ଗଲ ବିଭାଗ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗ ଜିଲ୍ଲାପାଳ ପାଓ୍ୱାର ସଚ଼ିନ ପ୍ରକାଶ ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ଧର୍ମଗଡ଼, ପ୍ରେକ୍ଷା ଅଗ୍ରଓ୍ୱାଲ, ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ଦୁର୍ଯ୍ୟୋଧନ ଭୋଇ, ପଞ୍ଚାୟତ ସମିତି ଅଧକ୍ଷ ରାଜୀବ ଅଗ୍ରଓ୍ୱାଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଚ଼ଳ ମାଝୀ, ପିଏଆଇଟିଡିଏ, ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ଚ଼କ୍ଷୁ ଚ଼ିକିତ୍ସା ଶିବିର

ବ୍ରହ୍ମପୁର:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଓ୍ୱାର୍ଡ ନଂ ୨ ଆନନ୍ଦ ନଗର କେନାଲ ସାହିସ୍ଥିତ ସହିଦ ଭଗତ ସିଂହ ଯୁବ ସଂଘ କାର୍ଯ୍ୟାଳୟ ଠାରେ ଏକ ମାଗଣା ଚ଼କ୍ଷୁ ପରୀକ୍ଷା ଓ ଚ଼ିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତର ସୁପ୍ରସିଦ୍ଧ ଶଙ୍କର ଚ଼କ୍ଷୁ ଚ଼ିକିତ୍ସାଳୟ ଦ୍ୱାରା ଓ ଭଗତ ସିଂହ ଯୁବ ସଂଘ ତରଫରୁ ଅନୁଷ୍ଠିତ ଏହି ଶିବିରକୁ ସ୍ଥାନୀୟ କର୍ପୋରେଟର ଏନ ଆପ୍ପାରାଓ ରେଡୀ, ଗଞ୍ଜାମ ବାର ଏସୋସିଏସନର ଯୁଗ୍ମସଂପାଦକ ଅସିତ କୁମାର ସାବତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟଶେନ ପ୍ରଧାନ ଓ ବରିଷ୍ଠ ସାମ୍ବାଦିକ ଅନୀଲ କୁମାର ପାଢୀ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଜେପି ଯୁବ ନେତା ଅନୁପ ପଣ୍ଡା ଓ ଗଞ୍ଜାମ ଜିଲ୍ଲା ଅନୁସୂଚ଼ିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ତ୍ରିନାଥ ନାୟକ, ସାମ୍ବାଦିକ ରମେଶ ଚ଼ନ୍ଦ୍ର ବେହେରା, ସଭାପତି ମନୋଜ କୁମାର ଚୌଧୁରୀ, ସମ୍ପାଦକ ମୁନା ସେଠୀ, ସମାଜସେବୀ ଏ ସତ୍ୟନାରାୟଣ ପାତ୍ର, ଆରବନ ବ୍ୟାଙ୍କ ଡାଇରେକ୍ଟର ପ୍ରକାଶ ଚ଼ନ୍ଦ୍ର ମହାରଣା, ଜଗନ ସେଠୀ, ଦିବାକର ମିଶ୍ର, ମନରଞ୍ଜନ ପାଣିଗ୍ରାହୀ, ପ୍ରହଲ୍ଲାଦ ଗୌଡ, ଆଇନଜୀବୀ ଦିଲ୍ଲୀପ ଷଡଙ୍ଗୀ, ଘନଶ୍ୟାମ ପଣ୍ଡିତ, ଅନିଲ କୁମାର ଚୌଧୁରୀ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ । ରୋଗୀଙ୍କ ବିଭିନ୍ନ ଚ଼କ୍ଷୁ ସମ୍ବନ୍ଧ ପରୀକ୍ଷଣ ହେବା ସହ ଅସ୍ତ୍ରପଚ଼ାର ନିମନ୍ତେ ଶଙ୍କର ଚ଼କ୍ଷୁ ଚ଼ିକିତ୍ସାଳୟ, ସମରଝୋଳକୁ ନିଆଯିବା ବ୍ୟବସ୍ଥା କରାଯାଇଥିଲା ।

ମହୁମାଛି ଆକ୍ରମଣରେ ୪ ଗୁରୁତର

କୁଚିଣ୍ଡା:୧୪।୧୦
ଏକ୍ସପ୍ରେସ୍ ନ୍ୟୁଜ୍

କୁଚିଣ୍ଡା-ସାତକମା ରାସ୍ତା ବାନ୍ଧୁବାସ କିରା ଛକରେ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇ କୁଟୁରା ଚୁଆଁ ପ୍ରଭାତ ନାୟକ, ପ୍ରଶ୍ନ ନାୟକ, କୁଡା ପରା ଗ୍ରାମର ସଂଜୀବ ପଟେଲ, ନେତ୍ରାନନ୍ଦ ବାଘ ନାମକ ୪ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମଙ୍ଗଳବାର ସକାଳ ପ୍ରାୟ ଆଠଟାରେ କୁଚିଣ୍ଡାରୁ କୁଟୁରାଚୁଆଁକୁ ଯାଉଥିବା ଓ କିଛି ସେପଟରୁ କୁଚିଣ୍ଡାକୁ ଆସୁଥିବା ବାଟୋଇଙ୍କୁ ଆକ୍ରମଣ କରିଥିଲେ । କୁଚିଣ୍ଡା-ସାତକମା ରାସ୍ତା ବାନ୍ଧୁବାସ କିରା ଛକରେ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇ ପ୍ରଭାତ ନାୟକ, ପ୍ରଶ୍ନ ନାୟକ, ସଂଜୀବ ପଟେଲ, ନେତ୍ରାନନ୍ଦ ବାଘ ନାମକ ୪ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ।

AFFIDAVIT

I, **TARUNA KUMAR JENA** aged about 42 years S/o- Late Jayaram Jena of At- Sripura (Patana Sahi), P.O- Pubasahi, P.S.- Mangalpur, Dist- Jajapur, Odisha,PIN-755006, Aadhaar No. 337897815720 do hereby solemnly affirm and declare by this Affidavit No. CF No.132, Dated: 10.10.2025, I am the deponent of this affidavit and permanent resident of above noted address. My actual and correct name is TARUNA KUMAR JENA, which has been mentioned in my Aadhaar Card and other relevant documents. ANIRUDHA JENA is my natural born son who is studying in Kendriya Vidyalaya No.2, CRPF, Bhubaneswar. In the School record of my son, the spelling of my name has been mentioned as TARUN KUMAR JENA instead of TARUNA KUMAR JENA. I do hereby declare that **TARUNA KUMAR JENA** and TARUN KUMAR JENA one and same person who is myself. Thsi affidavit is required to be produced before the Concerned Authority for necessary correction of my name from TARUN KUMAR JENA to TARUNA KUMAR JENA in the School record of my son. The facts stated above are true to the best of my knowledge.

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ ।"

R-5271